# ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ ସେବା ପାଇଁ ଶକ୍ତିମନ୍ତ୍ରୀଙ୍କ ଗୁରୁତ୍ୱ



ଭୁବନେଶ୍ୱର,୨୫।୯(ସକାଳଖବର): ଲୋକଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଉପରେ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଗୁରୁତ୍ୱ ପ୍ରଦାନ କରିଛନ୍ତି। ଗତକାଲି ଇନ୍ଦ୍ରାବତୀ ଜଳବିଦ୍ୟୁତ କେନ୍ଦ୍ରଠାରେ କଳାହାଣ୍ଡି ଜିଲ୍ଲାରେ ବିଦ୍ୟୁତ ସେବା ଉପରେ ସମୀକ୍ଷା କରି ମନ୍ତ୍ରୀ ଜିଲ୍ଲାର ଦୂରଦୂରାନ୍ତ ଅଂଚଳରେ ମଧ୍ୟ ଲୋକେ ଯେପରି ସ୍ଥିର ବିଦ୍ୟୁତ ସେବା ପାଇପାରିବେ ତାହା ବିଭାଗର ଆଭିମୁଖ୍ୟ ହେବା ଉଚିତ ବୋଲି କହିଥିଲେ । ଇନ୍ଦ୍ରାବତୀ ବହୁମୁଖୀ ଜଳବିଦ୍ୟୁତ ଯୋଜନା କଳାହାଣ୍ଡିର ଭାଗ୍ୟ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଓଏଚପିସି, ଓପିଟିସିଏଲ୍, ୱେସ୍‌କୋର ମିଳିତ ଉଦ୍ୟମ ଏହାକୁ ସମ୍ଭବ କରିପାରିଛି ବୋଲି ସେ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ ।

କାର୍ଯ୍ୟକ୍ରମ ସମୀକ୍ଷା କରି ମନ୍ତ୍ରୀ ବିଦ୍ୟୁତସେବା ଯୋଗାଣରେ ଜିଲ୍ଲାରେ ଯାହାକିଛି ସମସ୍ୟା ରହିଛି ତାହା ବଲାଙ୍ଗୀର-କେସିଙ୍ଗା ଲାଇନ୍ ସଂଯୋଗ ହେଲେ ବହୁ ପରିମାଣରେ ସମାଧାନ ହୋଇପାରିବ ବୋଲି କହିଥିଲେ । ଏଥି ସହିତ ସେ ଜୁନାଗଡ଼- ବାନେର୍ ୧୧ କେଭି ଲାଇନ୍, ବାନେର-ବଡ଼କୁଟ୍ରୁ ୩୩ କେଭି, ବାନେର-ଲଡ଼ୁଗାଁ ୩୩ କେଭି ଏବଂ ବାନେରଜୁନାଗଡ଼ ୩୩ କେଭି ଲାଇନ୍ ସଂଯୋଗର ଅଗ୍ରଗତି ସଂପର୍କରେ ସେ ସମୀକ୍ଷା କରିଥିଲେ । ପରେ ସେ ଜଳସଂପଦ ବିଭାଗର କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଥିଲେ। ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ ଯୋଜନାଠାରେ ଇକୋ-ଟୁରିଜିମ୍ ନିମନ୍ତେ ସ୍ଥାନ ନିରୁପଣ କରିବା, ବିଦ୍ୟୁତ ଉତ୍ପାଦନ କେନ୍ଦ୍ରର ସୌନ୍ଦର୍ଯ୍ୟକରଣ ସହ ଏହାର ପାରିପାର୍ଶ୍ୱିକ ବିକାଶ ଦିଗରେ ଧ୍ୟାନ ଦେବାକୁ ସେ ପ୍ରସ୍ତାବ ରଖିଥିଲେ । ଜୟପାଟଣାଠାରୁ ମୁଖୀଗୁଡ଼ା ଯାଏଁ ମୁଖ୍ୟରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବା ଯୋଗୁଁ ଓଏଚ୍‌ପିସି ତୁରନ୍ତ ଏ ବିଷୟରେ ପୂର୍ତ୍ତ ବିଭାଗ ସହ ଯୋଗାଯୋଗ କରି ଏହାର ମରାମତି ଦିଗରେ ପଦକ୍ଷେପ ନେବାକୁ କହିଥିଲେ । ଏଥି ସହିତ ସେ କେନାଲଗୁଡ଼ିକର ଆବଶ୍ୟକ ମରାମତି, ବନ୍ଧଗୁଡ଼ିକର ସୁଦୃଢ଼ୀକରଣ ଏବଂ କେନାଲର ଶେଷମୁଣ୍ଡ ଯାଏଁ ବିନାବାଧାରେ ଜଳ ପହଂଚିବା ନିମନ୍ତେ ମଝିରେ ମଝିରେ ଚେକଡ୍ ୍ୟାମ୍ ନିର୍ମାଣ କରାଯିବାକୁ ସେ ପରାମର୍ଶ ଦେ ଇଥିଲେ । ସେହିପରି ବାମ କେନାଲ୍ ମରାମତି ଏବଂ ଜଳପ୍ରବାହ ପରିଚାଳନା ସହ ଜଳସେଚନ ଯେପରି ସୁଚାରୁ ରୂପେ ହୋଇପାରିବ ସେଥିପାଇଁ ଏକ ପୂର୍ଣ୍ଣାଙ୍ଗ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ କହିଥିଲେ । ପରେ ସେ ବିଦ୍ୟୁତ କେନ୍ଦ୍ରର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଏହି ସମୀକ୍ଷା ବୈଠକରେ ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ ଯୋଜନାର ୟୁନିଟ୍ ହେଡ୍ ଇଂ. ଜୋହର କୁମାର ପାତ୍ର, ଓଏଚ୍‌ପିସିର ସାଧାରଣ ପରିଚାଳକ ନବକୁମାର ନାୟକ, ସାଧାରଣ ଅର୍ଥ ପରିଚାଳକ ଦେବଲୋକ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ମାସ୍କ ହେଲମେଣ୍ଟ ପିନ୍ଧି ନଥିବା ବ୍ୟକ୍ତି ଗଣିଲେ ଜରିମାନା



ଧାମନଗର ୨୫।୯ (ସକାଳଖବର): ଧାମନଗର ଅଞ୍ଚଳରେ ମହାମାରୀ କରୋନା ପଜେଟିଭ ସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି । ଧାମନଗର ପୋଲିସ, ଡାକ୍ତରଖାନା, ବ୍ୟାଙ୍କ, ବ୍ଲକ, ତହସିଲ ସମେତ ଏନ ଏ ସି କାର୍ଯ୍ୟାଳୟର ଅଫିସର ଓ କର୍ମଚାରୀ ମାନଙ୍କୁ କରୋନା ପଜେଟିଭ ଚିହ୍ନଟ ପରେ କିଛି ଚିକିତ୍ସିତ ହେଉଥିବା ବେଳେ ଆଉ କିଛି ସୁସ୍ଥ ହୋଇ ଘରକୁ ଫେରି ଥିବା ଜଣାଯାଇଛି । କରୋନା ପଜେଟିଭ ସଂଖ୍ୟା ବୃଦ୍ଧି ପାଉଛି ଏନେଇ ସରକାରଙ୍କ କୋଭିଡ୍-୧୯ ମକୁ କଡାକଡି କରିବା ପାଇଁ ଧାମନଗର ପୋଲିସ ପକ୍ଷରୁ ଥାନା ଆଇଆଇସି ରତିକାନ୍ତ ଗିରିଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ପ୍ରଦୀପ କୁମାର ଦାସ ଓ ମହେଶ୍ୱର ପ୍ରଧାନ ପୋଲିସ ଫୋର୍ସ ଥାନା ସମ୍ମୁଖରେ ଉପସ୍ଥିତ ରହି ମାସ୍କ ଏବଂ ହେଲମେଣ୍ଟ ପିନ୍ଧି ନଥିବା ଆଇନ ଅମାନିଆ ବ୍ୟକ୍ତି ଙ୍କ ଉପରେ ଚଢ଼ାଉ କରି ଜରିମାନା ଆଦାୟ କରାଯାଉଥିବା ଦେଖିବା ମିଳିଛି । ଘରେ ରୁହନ୍ତୁ ସୁସ୍ଥ ରୁହନ୍ତୁ ଅତି ଆବଶ୍ୟକତା ଥିଲେ ଘରୁ ବାହାରକୁ ଆସିଲେ ମୁହଁରେ ମାସ୍କ ପିନ୍ଧିବା,ହେଲମେଣ୍ଟ ପିନ୍ଧି ବାଇକ ବ୍ୟବହାର କରିବା ସହ ସାଧାରଣରେ ସାମାଜିକ ଦୂରତା ପାଳନ କରିବା ପାଇଁ ଜନସାଧାରଣଙ୍କୁ ଧାମନଗର ଓ ଧୁଷୁରୀ ପୋଲିସ ପକ୍ଷରୁ ସଚେତନ କରାଯାଉଥିବା ଜଣାଯାଇଛି ।

# ଓଡିଶାରୁ ସୁରଟ ଓ ଅହମଦାବାଦକୁ ଆଉ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୨୫।୯ (ସକାଳଖବର): ଓଡିଶାରୁ ସୁରଟ ଓ ଅହମଦାବାଦକୁ ସ୍ୱତନ୍ତ୍ର ଟ୍ରେନ ଗୁଡିକରେ ଯାତ୍ରୀ ଭିଡକୁ ଦୃଷ୍ଟିରେ ରଖି ଏବଂ ଗୁଜରାଟକୁ ଚଳାଚଳ କରୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ ଗୁଡିକରେ ମାତ୍ରାଧିକ ପ୍ରତିକ୍ଷା ସୂଚୀକୁ ନଜର ଦେଇ ପୂର୍ବତଟ ରେଳପଥ ପକ୍ଷରୁ ଓଡିଶାରୁ ଗୁଜରାଟକୁ ଆହୁରି ଦୁଇ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ।

ସମ୍ବଲପୁର-ଟିଟିଲାଗଡ଼-ରାଇପୁର ମାର୍ଗ ଦେଇ ଖୋର୍ଦ୍ଧା ରୋଡ଼-ସୁରଟ-ଖୋର୍ଦ୍ଧା ରୋଡ଼ ମଧ୍ୟରେ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ (୦୨୮୨୭/୦୨୮୨୮) ସେପ୍ଟେମ୍ବର ୨୭ ତାରିଖରୁ ଅକ୍ଟୋବର ୧୮ ତାରିଖ ମଧ୍ୟରେ ଚାଲିବ। ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୨୦ ତାରିଖ ମଧ୍ୟରେ ଏହା ସୁରଟ ଠାରୁ ପ୍ରତି ମଙ୍ଗଳବାର ସକାଳ ୮ଘ.୩୦ମି.ରେ ଖୋର୍ଦ୍ଧା ରୋଡ଼ ଅଭିମୁଖେ ଯାତ୍ରା କରିବ। ସେହିପରି ବିଜୟନଗରମ, ଦୁଭାଡା, ବିଜୟୱାଡା, ୱାର୍ଧା ମାର୍ଗଦେଇ ଖୋର୍ଦ୍ଧା ରୋଡ଼-ଅହମଦାବାଦ-ଖୋର୍ଦ୍ଧା ରୋଡ଼ ମଧ୍ୟରେ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ (୦୮୪୦୭/୦୮୪୦୮) ସେପ୍ଟେମ୍ବର ମାସ ୩୦ ତାରିଖରୁ ଅକ୍ଟୋବର ମାସ ୨୧ ତାରିଖ ମଧ୍ୟରେ ଏହା ଖୋର୍ଦ୍ଧା ରୋଡ଼ ଠାରୁ ପ୍ରତି ବୁଧବାର ପୂର୍ବାହ୍ନ ୧୦.୪୦ମି.ରେ ଛାଡିବାକୁ ଥିବା ବେଳେ ଅକ୍ଟୋବର ୩ ତାରିଖରୁ ୨୪ ତାରିଖ ମଧ୍ୟରେ ଏହା ଅହମଦାବାଦ ଠାରୁ ପ୍ରତି ଶନିବାର ୦୦୧୫ ଘଟିକା (ଶୁକ୍ରବାର ରାତ୍ର ୧୨୧୫ମି.) ରେ ଖୋର୍ଦ୍ଧା ରୋଡ଼ ଅଭିମୁଖେ ଯାତ୍ରା କରିବ। ଏହା ବ୍ୟତୀତ ଓଡିଶାରୁ ଗୁଜରାଟକୁ ସପ୍ତାହରେ ସବୁଦିନ ସ୍ୱତନ୍ତ୍ର ଟ୍ରେନ ଉପଲବ୍ଧ ହେବ ସହ ସପ୍ତାହରେ ୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଖୋର୍ଦ୍ଧା ରୋଡ଼-ଅହମଦାବାଦ-ଖୋର୍ଦ୍ଧାରୋଡ଼ସ୍ୱତନ୍ତ୍ର ଟ୍ରେନ (୦୨୮୪୩/୦୨୮୪୪)ଖୋର୍ଦ୍ଧା ରୋଡ଼ ରୁ ସେପ୍ଟେମ୍ବର ୧୨ ତାରିଖ ଠାରୁ ପ୍ରତି ମଙ୍ଗଳ, ଗୁରୁ, ଶୁକ୍ର ଓ ଶନିବାର ଦିନ ମାନଙ୍କରେ ସନ୍ଧ୍ୟା ୬.୪୦ମି.ରେ ଛାଡିବ ଏବଂ ଅହମଦାବାଦ ଠାରୁ ସେପ୍ଟେମ୍ବର ୧୪ ତାରିଖରୁ ପ୍ରତି ସୋମ, ଗୁରୁ, ଶନି ଓ ରବିବାର ଦିନମାନଙ୍କରେ ସନ୍ଧ୍ୟା ୬.୪୦ମି.ରେ ଛାଡିବ। ଖୋର୍ଦ୍ଧା ରୋଡ଼-ଓଖା-ଖୋର୍ଦ୍ଧାରୋଡ଼ସ୍ୱତନ୍ତ୍ର ଟ୍ରେନ (୦୮୪୦୧/୦୮୪୦୨)ଖୋର୍ଦ୍ଧା ରୋଡ଼ ରୁ ସେପ୍ଟେମ୍ବର ୧୩ ତାରିଖ ଠାରୁ ପ୍ରତି ରବିବାର ଦିନ ପୂର୍ବାହ୍ନ ୧୦.୪୦ମି.ରେ ଛାଡିବ ଏବଂ ଓଖା ଠାରୁ ସେପ୍ଟେମ୍ବର ୧୬ ତାରିଖରୁ ପ୍ରତି ବୁଧବାର ସକାଳ ୮ .୩୦ମି.ରେ ଛାଡିବ। ଗାନ୍ଧୀଧାମ-ଖୋର୍ଦ୍ଧାରୋଡ଼-ଗାନ୍ଧୀଧାମ ସ୍ୱତନ୍ତ୍ର ଟ୍ରେନ (୦୨୯୭୩/୦୨୯୭୪) ଗାନ୍ଧୀଧାମ ରୁ ସେପ୍ଟେମ୍ବର ମାସ ୧୬ ତାରିଖ ପ୍ରତି ବୁଧବାର ରାତ୍ର ୧୧ ଘଟିକାରୁ ଛାଡିବ ଏବଂ ଖୋର୍ଦ୍ଧା ରୋଡ଼ ରୁ ସେପ୍ଟେମ୍ବର ମାସ ୧୬ ତାରିଖଠାରୁ ପ୍ରତି ଶନିବାର ପୂର୍ବାହ୍ନ ୧୧.୪୦ମି.ରେ ଛାଡିବ। ଭୁବନେଶ୍ୱର-ଅହମଦାବାଦ-ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ (୦୮୪୦୫/୦୮୪୦୬)ସେପ୍ଟେମ୍ବର ମାସ ୧୬ ତାରିଖ ଠାରୁ ଭୁବନେଶ୍ୱର ରୁ ପ୍ରତି ବୁଧବାର ସନ୍ଧ୍ୟା ୬ ଘଟିକାରେ ଛାଡିବ ଓ ସେପ୍ଟେମ୍ବର ମାସ ୧୮ ତାରିଖ ଠାରୁ ଅହମଦାବାଦ ଠାରୁ ପ୍ରତି ଶୁକ୍ରବାର ସନ୍ଧ୍ୟା ୬ .୪୦ମି,ରେ ଛାଡିବ ।

# କୋଭିଡ଼-୧୯ କଠିନ ପରିସ୍ଥିତିରେ ମଧ୍ୟ ଜାରି ରହିଛି ଡି-ୱାର୍ମିଂ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୫।୯ (ସକାଳଖବର): -୧ରୁ ୧୯ ବର୍ଷ ବୟସର ପ୍ରାକ୍ ବିଦ୍ୟାଳୟ ଶିଶୁ ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ କୃମିଜନିତ ବିଭିନ୍ନ ଅନ୍ତଃନଳୀ ତଥା ପେଟରୋଗୀ ସଂକ୍ରମଣରୁ ସୁରକ୍ଷା ପାଇଁ ଆମ ରାଜ୍ୟ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଜାତୀୟ କୃମିନାଶକ ଦିବସ ପାଳନ ଜାରି ରହିଛି । ପ୍ରଥମ ପର୍ଯ୍ୟାୟ ଜାତୀୟ କୃମିନାଶକ ଦିବସ ଫେବୃଆରୀ, ୨୦୨୦ରେ ପାଳନ କରାଯାଇଥିଲା । ଚଳିତ ସେପ୍ଟେମ୍ବର ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାରେ ଶିଶୁ ଏବଂ ପିଲାମାନଙ୍କୁ କୃମିନାଶନ ପାଇଁ ଆବଶ୍ୟକୀୟ ଔଷଧ ସେବନ କରାଯାଉଛି। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଅଙ୍ଗନବାଡ଼ି କର୍ମୀମାନେ ଘରକୁ ଘର ପହଂଚି ଶିଶୁ ଓ କିଶୋରୀମାନଙ୍କୁ କୃମିନାଶନ ପାଇଁ ଔଷଧ ଖୁଆଉଛନ୍ତି । କୋଭିଡ଼-୧୯ ନିୟମାବଳୀର କଟକଣା ଜାରି ରହିଥିବାରୁ ଏବଂ ରାଜ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟ ଗୁଡ଼ିକ ବନ୍ଦ ରହିଥିବାରୁ ହିତାଧିକାରୀ ମାନଙ୍କ ଘରେ ପହଂଚି ଯଥେଷ୍ଟ ସତର୍କତା ଅବଲମ୍ବନ କରି ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ଶିଶୁ ଏବଂ କିଶୋର କିଶୋରୀ ମାନଙ୍କୁ ଔଷଧ ସେବନ କରାଉଛନ୍ତି। ଛୋଟ ଶିଶୁ ଏବଂ କିଶୋରୀମାନଙ୍କ ମଧ୍ୟରେ ରକ୍ତହୀନତା ଦୂର କରିବା, ସ୍ୱାସ୍ଥ୍ୟ ରକ୍ଷା, ପୁଷ୍ଟିସାଧନ, ଶାରୀରିକ ଓ ମାନସିକ ବିକାଶ ଦିଗରେ ଡି-ୱାର୍ମିଂ (କୃମିନାଶନ) ଏକ ପ୍ରମୁଖ କାର୍ଯ୍ୟକ୍ରମ। କାରଣ ଏହି ସମୟରେ ପିଲାମାନେ ଖାଲିପାଦରେ ଚାଲିବା ଏବଂ ମାଟି ସଂସ୍ପର୍ଶରେ ଆସିବା ଦ୍ୱାରା ବିଭିନ୍ନ ପ୍ରକାର କୃମି ଦ୍ୱାରା ସଂକ୍ରମିତ ହୋଇଥାନ୍ତି। ତେଣୁ ନିୟମିତ ଭାବେ ପିଲାମାନଙ୍କୁ ଔଷଧ ସେବନ ଦ୍ୱାରା ଡି-ୱାର୍ମିଂ କରିବାର ଅତ୍ୟନ୍ତ ଆବଶ୍ୟକତା ଥାଏ । ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରଠାରୁ ତୃଣମୂଳ ସ୍ତର ପର୍ଯ୍ୟନ୍ତ ତିନୋଟି ଏ ଅର୍ଥାତ୍ ଅଙ୍ଗନବାଡ଼ି କର୍ମୀ, ଆଶା ଏବଂ ଅଙ୍ଗନବାଡ଼ି ସହାୟିକାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନଙ୍କ ଦ୍ୱାରା ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମ ଜରିଆରେ ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି। ଏଥିପାଇଁ ୧ରୁ ୩ ବର୍ଷ ବୟସର ଶିଶୁମାନଙ୍କୁ ଆଲ୍‌ବେନ୍‌ଡାଜୋଲ୍ ସସ୍‌ପେନସନ୍ ଏବଂ ୪ରୁ ୧୯ ବର୍ଷ ବୟସର ପିଲାମାନଙ୍କୁ ଆଲବେନ୍‌ଡାଜୋଲ ବଟିକା ଖାଇବାକୁ ଦିଆଯାଉଛି। ପ୍ରକାଶ ଥାଉ କି, ମହିଳା, ଶିଶୁ, କିଶୋରୀ ଓ ଗର୍ଭବତୀ ମାନଙ୍କ ପୁଷ୍ଟିସାଧନ ପାଇଁ କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ପୁଷ୍ଟିସାଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ସେପ୍ଟେମ୍ବର ମାସରେ ସାରା ରାଜ୍ୟରେ ଆଇସିଡିଏସ୍ ପ୍ରକଳ୍ପ ଗୁଡ଼ିକରେ ଜାତୀୟ ପୁଷ୍ଟି ମାସ ପାଳନ କରାଯାଉଛି । ଏହି ଅବସରରେ ମହିଳା ଓ ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ସନ୍ତୁଳିତ ଖାଦ୍ୟ ପାଇଁ ସବୁଜ ପନିପରିବା, ଶାଗ, ଅଣ୍ଡା, କ୍ଷୀର, ଡାଲି ଜାତୀୟ ଶସ୍ୟ ଶରୀର ଆବଶ୍ୟକତା ଅନୁସାରେ ଉପଯୁକ୍ତ ପରିମାଣ ଖାଇବା ଉପରେ ଆଇସିଡିଏସ୍ କାର୍ଯ୍ୟକର୍ତ୍ତାମାନେ ଜନସଚେତନତା ସୃଷ୍ଟି କରୁଛନ୍ତି। ସଂଯୋଗ କ୍ରମେ ଏହି ମାସରେ ମଧ୍ୟ ରାଜ୍ୟରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଥିବାରୁ କୋଭିଡ୍-୧୯ ନିୟମାବଳୀ ଅନୁପାଳନ ପୂର୍ବକ ବିଭିନ୍ନ ସୂଚନା, ଶିକ୍ଷା, ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି।

## ବିଦ୍ୟୁତ୍ ଦର ବୃଦ୍ଧିକୁ ବିଜେପି , କଂଗ୍ରେସର ବିରୋଧ

ଭୁବନେଶ୍ୱର, ୨୫।୯ (ସକାଳଖବର): ବିଜୁଳି ଦର ୟୁନିଟ ପିଛା ୨୦ ପଇସା ବୃଦ୍ଧିକୁ ବିରୋଧ କରିଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ। ତୁରନ୍ତ ବର୍ଦ୍ଧିତ ଦର ପ୍ରତ୍ୟାହାର କରିବା ପାଇଁ ସେ ଦାବି କରିଛନ୍ତି। ସେ କହିଛନ୍ତି, ରାଜ୍ୟ କରୋନା ସହ ମୁକାବିଲା କରୁଥିବା ବେଳେ, ଲୋକେ ରୋଜଗାର ହରାଇ ଅଭାବ ଅନଟନରେ ଥିବା ବେଳେ ସରକାର ବିଦ୍ୟୁତ ଦର ବୃଦ୍ଧି କରିଛନ୍ତି। ବୋଝ ଉପରେ ନଳିତା ବିଡା ସାଜିବାର ସରକାରଙ୍କର ନୈତିକ ଅଧିକାର ନାହିଁ। ଏଭଳି ନିଷ୍ପତି ପ୍ରତ୍ୟାହାର ନକଲେ ରାଜ୍ୟ ସରକାର ଜନବିରୋଧୀ ବୋଲି କୁହାଯିବ। କଂଗ୍ରେସ ବିଧାୟକ ସୁର ରାଉତ ରାୟ କହିଛନ୍ତି ଟାଟା ପ୍ରେମରେ ପଡି ସରକାର ଦର ବଢାଇଛନ୍ତି । ଗରିବ ଲୋକଙ୍କ ଟଂଟି ଚିପି , କରୋନା ସମୟରେ ଦରଦାମ୍ ବଢୁଥିବା ବେଳେ ବିଦ୍ୟୁତ୍ ଦର ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରିବା ଦୁଃଖଦାୟକ। ତୁରନ୍ତ ଦର ପ୍ରତ୍ୟାହାର ନହେଲେ ଏହାର ପ୍ରତିବାଦ ବିଧାନସଭାରେ କରିବ ଓ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ।

# ମୁରୀରୋଡ ଫାଣ୍ଡି ଅଞ୍ଚଳରେ ବୃଦ୍ଧି ପାଉଛି ବେଆଇନ କାର୍ଯ୍ୟ




ଭଣ୍ଡାରିପୋଖରୀ,୨୪।୯(ସକାଳଖବର): ଭଣ୍ଡାରିପୋଖରୀ ଥାନା ଅଧିନ ମୁରୀରୋଡ ଫାଣ୍ଡି ଅଞ୍ଚଳରେ ବେଆଇନ କାର୍ଯ୍ୟ ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏହି ଫାଣ୍ଡି ଅଧିନରେ ବ୍ଲକର ବନ୍ଦାଲୋ-ମଢିଆଳୀ, ତେସିଙ୍ଗା, ରାଜେନ୍ଦ୍ରପୁର, ସାନଶାସନ, ନାଆମୀ, ଝୁଟୁଣା ପଞ୍ଚାୟତ ରହିଥିବାବେଳେ ନିକଟ ରେଳ ଷ୍ଟେସନ ଅଞ୍ଚଳ ମଧ ରହିଛି। ପଞ୍ଚାୟତ ଗୁଡିକରେ ଆଇନଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ସହିତ ମୁରୀରୋଡ ଭଳି ଏକ ବୃହତ୍ତ ଗ୍ରାମ୍ୟ ବଜାରର ଶୃଙ୍ଖଳାଗତ ପରିଚାଳନା ଦାୟିତ୍ୱ ଫାଣ୍ଡି ହାତରେ ନ୍ୟସ୍ତ ରହିଛି। ଏଠାରେ ମୁରୀରୋଡ ରେଳ ଷ୍ଟେସନ ଥିବାରୁ ଫାଣ୍ଡିର ଗୁରୁତ୍ୱ ମଧ ଆହୁରି ଦ୍ୱିଗୁଣିତ ଭଳି ମନେହୁଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ଜିଲ୍ଲାର ଶେଷଭାଗରେ ଫାଣ୍ଡିଟି ଥିବାବେଳେ ପଡୋଶୀ ଯାଜପୁର ଓ କେନ୍ଦୁଝର ଜିଲ୍ଲା । ବେଆଇନ ଅନୁପ୍ରବେଶକୁ ରୋକିବା ପୋଲିସର ପ୍ରମୁଖ କର୍ତ୍ତବ୍ୟ ହୋଇଛି। ପରିତାପର ବିଷୟ ଏତେ ସବୁ ପୁଲିସ ପାଇଁ ଚ୍ୟାଲେ ସୃଷ୍ଟି କରୁଥିବାବେଳେ ଦୈନନ୍ଦିନ ଫାଣ୍ଡି ଅଞ୍ଚଳରେ ବେଆଇନ କାର୍ଯ୍ୟ ହେଉଥିବାରୁ ବୃଦ୍ଧିଜୀବି ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଛଅଗୋଟି ପଞ୍ଚାୟତର ବିଭିନ୍ନ ଗାଁରେ ଚୋରାଦେଶୀ, ବିଦେଶୀ ମଦ ସହିତ ମହୁଲୀ , ଗଞ୍ଜେଇ ଓ ଅଫିମ ଭଳି କାରବାର ବୃଦ୍ଧି ପାଉଥିବାବେଳେ ଫାଣ୍ଡି ନାକ ଅଗ କୁହାଯାଉଥିବା ମୁରୀରୋଡ ବଜାର ଠାରେ ମଧ ଚୋରା ବେପାର ହେଉଥିବା ଜଣାପଡିଛି। ବେପାରୀମାନେ ଦିନଦ୍ୱିପ୍ରହରେ ପଡୋଶୀ ଜିଲ୍ଲାରୁ ମୋଟରସାଇକେଲ ଓ ସାଇକେଲ ଯୋଗେ ମଦ ପରିବହନ କରୁଥିବାବେଳେ ଦିବାଲୋକରେ ଏହାକୁ ଅନାଶ୍ରୟରେ ବିକିଚାଲିଛନ୍ତି । ଏହାଛଡା ନିକଟ ବୈତରଣୀ ନଦୀରୁ ଦୈନନ୍ଦିନ ବେଆଇନ ବାଲି ଚାଲାଣ ହେଉ କିମ୍ବା ସୀମାପାର ଗୋରୁଗାଡି ଯାତାୟତ ହେଉ ସବୁକୁ ଫାଣ୍ଡି ଦେଖୁଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକେ ପୁଲିସ ଉପରେ ଆସ୍ଥା ହରାଇ ବସିଲେଣି । ତେଣୁ ଏହା ଉପରେ ଏସପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# କରୋନାରେ ରାଜସ୍ୱ ନିରୀକ୍ଷକଙ୍କ ମୃତ୍ୟୁ

ମାଲକାନଗିରି, ୨୫।୯ (ସକାଳଖବର): ମାଲକାନଗିରି ଜିଲ୍ଲା ମୋଟୁ ତହସିଲ ଅଧୀନରେ କାର୍ଯ୍ୟ କରୁଥିବା ରାଜସ୍ୱ ନିରୀକ୍ଷକ କବିରାଜ ଜେନା କରୋନା ରେ ଭୁବନେଶ୍ୱର ସ୍ଥିତ ରାଜଧାନୀ ହସପିଟାଲରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ କବିରାଜ ଜେନା ମୋଟୁ ତହସିଲରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ସପରିବାରେ ମାଲକାନଗିରି ସଦର ମହକୁମାସ୍ଥିତ ୧୧୯ କଲୋନୀରେ ରହୁଥିଲେ । ସପ୍ତାହ ବ୍ୟାପି ତାଙ୍କୁ ଜ୍ୱର ହେବା ଯୋଗୁଁ ମାଲକାନଗିରି ହସପିଟାଲରେ ଦେହ ଦେଖାଇ ସ୍ୱାବ ପରୀକ୍ଷା କରେଇଥିଲେ ମଧ୍ୟ ତାଙ୍କର କରୋନା ରିପୋର୍ଟ ନେଗେଟିଭ୍ ଆସିଥିଲା କ୍ଷ ମାତ୍ର ଜ୍ୱର ନଛାଡିବାରୁ ସେ ଭୁବନେଶ୍ୱର କୌଣସି ହସପିଟାଲରେ ଚିକିତ୍ସା ଲାଗି ୨୨ ତାରିଖ ଦିନ ସପରିବାରେ ନିଜ ଗ୍ରାମ ନୟାଗଡକୁ ଯାଇଥିଲେ କ୍ଷ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭୀଷଣ ଖରାପ ହେବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ରାଜଧାନୀ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଗତ କାଲି ରାତିରେ ସେ ଶ୍ୱାସ ପ୍ରଶ୍ୱାସ ନେବାରେ ଯନ୍ତ୍ରଣା ଅନୁଭବ କଲା ପରେ ଦେହାନ୍ତ ହୋଇଯାଇଥିଲା । କବିରାଜ ଜେନା ୧୯୬୭ରେ ନୟାଗଡରେ ଜନ୍ମ ଗ୍ରହଣ କରିଥିଲେ। ସେ ୨୫/୬/୧୯୯୯ ରେ ଅମିନ ଭାବରେ ମାଲକାନଗିରି ଜିଲ୍ଲାରେ ଚାକିରୀରେ ଯୋଗ ଦେଇଥିଲେ । ୨୦୧୧ ମସିହାରେ ରାଜସ୍ୱ ନିରୀକ୍ଷକ ଭାବେ ପଦୋନ୍ନତି ପାଇଥିଲେ । ବର୍ତ୍ତମାନ ମୋଟୁ ତହସିଲରେ କାର୍ଯ୍ୟରତ ଥିଲେ । ତାଙ୍କର ବିୟୋଗରେ ମୋଟୁ ତହସିଲରେ ଶୋକର ଛାୟା ଖେଳି ଯାଇଛି । ସ୍ୱର୍ଗତ ଜେନାଙ୍କ ସହଧର୍ମିଣୀଙ୍କ ସହ ଦୁଇ ଜଣ କନ୍ୟା ସନ୍ତାନ ଥିବା ଜଣା ପଡିଛି । ତାଙ୍କର ବଡ ଭାଇ ଦୀନବନ୍ଧୁ ଜେନା ଅବସର ପ୍ରାପ୍ତ ରାଜସ୍ୱ ସୁ ପରଭାଇଜର । ସାନ ଭାଇ କବିରାଜଙ୍କ ମୃତ୍ୟୁ ଖବର ପାଇ ବଡ ଭାଇ ଦୀନବନ୍ଧୁ ଜେନା ମାଲକାନଗିରିରୁ ଭୁବନେଶ୍ୱର ଅଭିମୁଖେ ସକାଳେ ଯାତ୍ରା କରିଥିବା ସୂଚନା ମିଳିଛି । ତାଙ୍କର ମୃତ୍ୟୁରେ ସଦର ମାଲକାନଗିରି ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ସେ ଜଣେ ମେଳାପୀ ଏବଂ ମିଷ୍ଟଭାଷୀ ବ୍ୟକ୍ତି ବିଶେଷ ଥିଲେ ।

## ବିଭିନ୍ନ ଦାବି ନେଇ ରାମକୋ ସିମେଣ୍ଟ କାରଖାନା ଆଗରେ ଧାରଣା

ଧର୍ମଶାଳା,୨୫।୯ (ସକାଳଖବର): ବିଭିନ୍ନ ଦାବି ନେଇ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହାରିଦାସପୁରସ୍ଥ ରାମେକୋ ସିମେଂଟ କାରଖାନା ଆଗରେ ପଂଚାୟତର ବହୁ ଲୋକେ ଗତ କାଲିଠାରୁ ଧାରଣା ଦେଇଛନ୍ତି । ଏହା ଆଜି ୨ୟ ଦିନରେ ପଂହଚିଛି । ତେବେ ସେମାନଙ୍କ ଦାବି ପୁରଣ ନ ହେବା ଯାଏ ଏହି ଧାରଣ ଚାଲୁ ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି । ସୂଚନା ମୁତାବକ ରାମେକୋ ସିମେଂଟ ପକ୍ଷରୁ ଦିଆ ଯାଇଥିବା ପ୍ରତିଶୃତି ପାଳନ କରାଯାଇ ନ ଥିବା ବେଳେ ଜାଲ ଦସ୍ତଖତ କରି ଜମି ହାତେଇବା,ଗ୍ରାମରେ ମାଲବାହୀ ଟ୍ରକ ଯିବା ଆସିବା କରିବା ଫଳରେ ଗ୍ରାମ ରାସ୍ତା ଖାଲଖମାରେ ପରିଣତ ହେବା ଓ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ ମିଳିବା ଭଳି ବହୁ ଦାବି ନେଇ ରାମକୋ କମ୍ପାନୀର ମନମାନି କାର୍ଯ୍ୟ ନେଇ ଥାନୁଆଳ,ଆରୁହା ଓ ହରିଦାସପୁର ପଂଚାୟତର ଶତାଧିକ ଲୋକେ କମ୍ପାନୀ ଫାଟକ ଆଗରେ ଧାରଣାରେ ବସିଛନ୍ତି । ସେମାନଙ୍କ ଦାବି ପୁରଣ ନ ହେଲେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ ।

## ପ୍ରବାସୀ ଶ୍ରମିକଙ୍କୁ ଟୋଲ ପ୍ଲାଜାରେ ନିଯୁକ୍ତି ଘଟଣା, ଧାରଣା ସାମୟିକ ସ୍ଥଗିତ

କୋରେଇ,୨୫।୯ (ସକାଳଖବର): ପାଣିକୋଇଲି ଟୋଲପ୍ଲାଜାରେ ପ୍ରବାସୀ ଶ୍ରମିକ ମାନଙ୍କୁ ନିଯୁକ୍ତି ପାଇ ଦାବି ଫଳରେ ଟୋଲ ପ୍ରଶାସନ ବାରମ୍ବାର ଶ୍ରମିକ ମାନଙ୍କୁ ଠକି ଚାଲିଛି । ଫଳରେ ପ୍ରବାସୀ ଶ୍ରମିକ ମାନେ ପୁଣି ୨୪ ତାରିଖ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବାକୁ ନିଷ୍ପତି ନେଇଥିଲେ । ପ୍ରକାଶ ଥାଉକି ପ୍ରବାସୀ ଶ୍ରମିକ ମାନଙ୍କୁ ଟୋଲ ପ୍ଲାଜାର ଗତ ଅଗଷ୍ଟ ୨୨ ତାରିଖ ଦିନ ଦିନକର କର୍ମସିଆଲ ପ୍ରାଇଭେଟ ଲିମିଟେଡ କମ୍ପାନୀ ପାଣିକୋଇଲି ଟୋଲ ପ୍ଲାଜାରେ ନିଯୁକ୍ତି ପ୍ରଦାନ କରିଥିଲେ । ନିଯୁକ୍ତିର ୪ ଘଂଟା ଟୋଲ ପ୍ଲାଜାରେ କାମ କଲାପରେ ହଠାତ୍ କୌଣସି କାରଣ ନଥାଇ ନିଯୁକ୍ତି ପାଇଥିବା ଯୁବକ ମାନଙ୍କୁ ଟୋଲ ପ୍ଲାଜାରୁ ବର୍ତ୍ତମାନ ଡିୟୁଟି ଓହ୍ଲାଇ ଆସ ଓ ପ୍ରତ୍ୟେକଙ୍କ ପରିଚୟ ପତ୍ର ଦାଖଲ କରିବା ପରେ ନିଜ ନିଜର ପୁନଃ ଡିୟୁଟିରେ ଯୋଗଦେବ ବୋଲି ପ୍ରତିଶୃତି ଦେଇଥିଲେ । ହେଲେ ପରବର୍ତ୍ତି ଅବସ୍ଥାରେ ନିଯୁକ୍ତି ନଦେଇ ଆଜିକାଲି କହି ସମୟ ଗଡାଇ ଚାଲିଲେ । ଫଳରେ ଶ୍ରମିକ ମାନେ ବାଧ୍ୟ ହୋଇ ପ୍ରଶାସନକୁ ଜଣାଇବା ସହ ୩ ତାରିଖ ଦିନ ଟୋଲ ପ୍ଲାଜା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଫଳରେ ପାଣିକୋଇଲି ପୁଲିସ ଓ ଟୋଲ ମ୍ୟାନେଜର ଧାରଣାସ୍ଥାନରେ ପହଂଚି ପ୍ରତିଶୃତି ଦେବା ସହ ସେପ୍ଟେମ୍ବର ୧୦ ତାରିଖ ସେ ସମ୍ପର୍କରେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ସହ ପୁନଃ ନିଯୁକ୍ତି ଦେବାର ପ୍ରତିଶୃତି ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଧାର୍ଯ୍ୟ ହୋଇଥିବା ସେପ୍ଟେମ୍ବର ୧୦ ତାରିଖ ଆଲୋଚନା କୌଣସି କାରଣରୁ ବନ୍ଦ କରି ୧୫ ତାରିଖ ଦିନ ଆଲୋଚନା କରିବାକୁ କହିଥିଲେ । ହେଲେ ସମସ୍ୟାର ପୁନଃ ନିଯୁକ୍ତିର ବାଟ ବାହାରି ପାରିଲା ନାହିଁ। ଫଳରେ ୨୪ ତାରିଖ ଦିନ ସ୍ଥାନୀୟ ବିଭିନ୍ନ ଶ୍ରମିକ ସଙ୍ଗଠନ ସହଯୋଗରେ କୋଭିଡ ନିୟମ ପାଳନ କରି ଟୋଲ ପ୍ଲାଜା ସମ୍ମୁଖରେ ସକାଳ ୮ଘଟିକାରୁ ନିଯୁକ୍ତି ନମିଳିବା ପର୍ଯ୍ୟନ୍ତ ଶାନ୍ତି ପୂର୍ଣ୍ଣ ଧାରଣାରେ ବସିବାକୁ ନିଷ୍ପତି ନିଆଯିବା ସହ ଏନେଇ ଜିଲ୍ଲାପାଳ, ଏସପି, ଯୁଗ୍ମ ଶ୍ରମ ଆୟୋଗ, ଯାଜପୁରଙ୍କୁ ଲିଖିତ ଭାବେ ଜଣାଯାଇଥିଲା । ମାତ୍ର ସେପ୍ଟେମ୍ବର ୨୩ ତାରିଖ ଯାଜପୁର ଏସପି ଚରଣ ସିଂହ ମୀନା ଏସମ୍ପର୍କରେ ଶ୍ରମିକ ନେତା ମାନଙ୍କ ସହ ଆଲୋଚନା କରିବା ପରେ ଘଟଣା ସମ୍ପର୍କରେ ପଦକ୍ଷେପ ନେବାକୁ ପ୍ରତିଶୃତି ଦେଇଥିଲେ।

# ବିନା ସରକାରୀ ସହାୟତାରେ ବତକ ଚାଷ



ଭଣ୍ଡାରିପୋଖରୀ, ୨୫।୯(ତୁଷାରକାନ୍ତ ବାରିକ): ବର୍ତ୍ତମାନ ପାଠସାଠ ପଢି ସରକାରୀ ଓ ବେସରକାରୀ ଚାକିରୀ ଖଣ୍ଡିଏ ପାଇବା ପାଇଁ ଯୁବ ସମାଜ ଉତ୍କଣ୍ଠା ପ୍ରକାଶ କରୁଥିବାବେଳେ ଅନ୍ୟକେତେକ ବ୍ୟାଙ୍କ ଋଣ ଆଶାରେ ବ୍ୟବସାୟ ପାଇଁ ମନବଳାଉଛନ୍ତି। ବିଶେଷକରି ସରକାରୀ ନିର୍ଦ୍ଧେଶିତ ଋଣ ପାଇଁ ସମସ୍ତେ ପ୍ରାୟ ବ୍ୟଗ୍ର ରହୁଛନ୍ତି। କାରଣ ଏଥିରେ ରିହାତି ବ୍ୟବସ୍ଥା ଥିବାରୁ ବ୍ୟବସାୟ ସଫଳ ହେଉକି ବିଫଳ ହେଉ ଋଣ ଅର୍ଥ ହାତେଇବା ପାଇଁ ସମସ୍ତଙ୍କ ଇଚ୍ଛା ରହୁଛି। ଏହାସତ୍ତ୍ୱେ ଗ୍ରାମାଞ୍ଚଳର ମଧ କିଛି ଶିକ୍ଷିତ ଯୁବକ ବିନା ସରକାରୀ ସହାୟତାରେ ବ୍ୟବସାୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟୁଛନ୍ତି। ସୂଚନା ଅନୁଯାୟୀ ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ହାଜିପୁର ଗ୍ରାମର ଯୁବକ ଚିରିବ ନାୟକ ସରକାରୀ ଋଣ ପଛରେ ନଗୋଡାଇ ଆତ୍ମନିର୍ଭରଶୀଳ ହେବା ପାଇଁ ଅଣ୍ଟା ଭିଡିଛନ୍ତି। ସେ ଯୁକ୍ତ ଦୁଇ ଆଇଟିଆଇ ଶିକ୍ଷା ପ୍ରାପ୍ତ କରିବା ପରେ ଚାକିରୀ ପଛରେ ନଗୋଡାଇ ନିଜସ୍ୱ ଢଙ୍ଗରେ କିଛି ବୃତ୍ତିକୁ ଆପଣାଇଛନ୍ତି। ପ୍ରଥମେ କେନ୍ଦୁଝରରୁ କୁଣ୍ଡା ଓ ଗୋଖାଦ୍ୟ ଆଣି ବିକ୍ରୟ କରି ପରିବାର ପାଇଁ ରୋଜଗାରର ପନ୍ଥା ବାଛିଥିଲେ। ନିଜ ପ୍ରଚେଷ୍ଟାରେ ଏକ ଟାଟା ମ୍ୟାଜିକ ସହିତ ପିକଅପ ଭ୍ୟାନଟିଏ ମଧ୍ୟ ବ୍ୟବସାୟରେ ଲଗାଇଥିଲେ। ଏହାଛଡା ମଧ୍ୟମ ଧରଣର ଯୁବଚାଷୀ ଭାବେ ଗାଁରେ ସେ ବେଶ ଜଣାଶୁଣା। ଇତିମଧ୍ୟରେ କରୋନା ଭଳି ଏକ ମହାମାରୀ ଆସିବାରୁ ଗାଡିଘୋଡା ବନ୍ଦ ହୋଇଯିବାରୁ ତାଙ୍କର ବ୍ୟବସାୟ ମଧ୍ୟ ମାନ୍ଦା ପଡିଗଲା। ଦକ୍ଷତା ଅନୁଯାୟୀ ଇଚ୍ଛା ଥିଲେ ଉପାୟ ଆସେ ଭଳି କର୍ମକୁ ପାଥେୟ କରି ଚିରିବ କିଛି ନୂଆ କରିବାକୁ ମନବଳାଇଥିଲେ। ବ୍ଲକ ଅଞ୍ଚଳରେ ସରକାରୀ ସହାୟତକୁ ନେଇ କିଛି ଯୁବକ ବ୍ରୟଲର ଫାର୍ମ କରିଥିଲେ ସୁଦ୍ଧା କେହି ବତକ ଚାଷ କରୁନଥିବା ସେ ଜାଣି ପାରିଥିଲେ। ଏହାପରେ ସେ ଆଉ ଡେରି ନକରି ଆନ୍ଧ୍ର ଯାଇ ଖାକି କେମେଲ ଜାତୀୟ ବତକ ଚିଆଁ ଆଣି ଚାଷ ଆରମ୍ଭ କରିଛନ୍ତି। ସରକାରୀ କାର୍ଯ୍ୟାଳକୁ ଋଣ ପାଇଁ ଦଉଡି ଦଉଡି ହତାଷ ହେବା ଅପେକ୍ଷା ନିଜସ୍ୱ ପ୍ରଚେଷ୍ଟାରେ ନୂଆ କିଛି କରିବାକୁ ପରିକଳ୍ପନା କରୁଥିବା ଚିରିବ ଜଣାଇଛନ୍ତି। ପ୍ରଥମକରି ୫ଶହ ବତକ ଚିଆଁ ସହିତ ଆନୁସଂଗୀକ ଭିତ୍ତିଭୂମି ବିକାଶ ଦିଗରେ ପାଖାପାଖି ଏକଲକ୍ଷ ଟଙ୍କା ବ୍ୟୟ କରିଥିବା ସୂଚନା ଦେଇଛନ୍ତି। ବାସଗୃହ ପାର୍ଶ୍ୱ ଛୋଟିଆ ବାଡିରେ ସେ ବତକ ଚାଷ କରୁଥିବାବେଳେ ଏହା ସଂଲଗ୍ନ କିଛି ସ୍ଥାନରେ ସେ ପନିପରିବା ଚାଷ କରୁଛନ୍ତି। ଏହା ସହିତ ବତକ ଚିଆଁ ବଢିଲେ ସେମାନଙ୍କ ପହଁରିବା ପାଇଁ ପାଣିର ଆବଶ୍ୟକତା ଥିବାରୁ ନିକଟରେ ଥିବା କ୍ଷୁଦ୍ର ଚାଷଜମିକୁ ମଧ୍ୟ ପୋଖରୀ ଭାବେ ବ୍ୟବହାର କରୁଛନ୍ତି। ସ୍ୱାବଲମ୍ବୀ ଚିରିବୀଙ୍କ ଏଭଳି କାର୍ଯ୍ୟ ସମ୍ପର୍କରେ ବ୍ଲକ ପଶୁସମ୍ପଦ ବିଭାଗ ଅଧିକାରୀଙ୍କ ମତାମତ ନେବାରୁ ତାଙ୍କ ଅଧିନରେ କେବଳ ବିଭିନ୍ନ ସ୍ଥାନରେ ବ୍ରୟଲର ଫାର୍ମ ହୋଇଥିବା ସେ ସୂଚନା ଦେଇଛନ୍ତି। କେହି ଖାକିମେଲ ପ୍ରଜାତୀୟ ଉନ୍ନତମାନର ବତକ ଚାଷ କରୁଥିବା ସେ ପ୍ରଥମେ ଜାଣିବାକୁ ପାଇଛନ୍ତି। ତେଣୁ ସେ ଯଥାଶୀଘ୍ର କ୍ଷେତ୍ର ପରିଦର୍ଶନ କରିବା ସଂଗେ ସଂଗେ ପ୍ରୋତ୍ସାହନ ପୂର୍ବକ ତାଙ୍କର ସାହାର୍ଯ୍ୟ ଆବଶ୍ୟକ ପଡିଲେ ସେ ଯୋଗାଇଦେବେ ବୋଲି କହିଛନ୍ତି ।

## ୨ ଟ୍ରକ ମୁହାମୁହିଁ- ଡ୍ରାଇଭର ଆହତ

ନୂଆପଡା,୨୫।୯ (ସକାଳଖବର): ଖଡିଆଳ-ନୂଆପଡା ୩୫୩ ନଂ ଜାତୀୟ ରାଜପଥର ଖଡିଆଳ ବ୍ଲକ ଅନ୍ତର୍ଗତ ସାନମହେଶ୍ୱର ଗ୍ରାମ ନିକଟରେ ୨ ଗୋଟି ଟ୍ରକ ମୁହାମୁହିଁ ହେବାରୁ ଏକ ବଡ ଦୁର୍ଘଟଣାରୁ ରକ୍ଷା ପାଯାଇଛି । ବିପରୀତ ଦିଗରୁ ଆସୁଥିବା ୨ ଗୋଟି ଟ୍ରକ ମୁହାମୁହିଁ ଧକ୍କା ହେବାରୁ ଗୋଟିଏ ଟ୍ରକର ଡ୍ରାଇଭର ଆହତ ହୋଇଥିବା ସୂଚନା ମିଳିଛି । ୨ ଟ୍ରକର ସାମନା ପଟରେ ବ୍ୟାପକ ଭଙ୍ଗିରୁଚି ଯାଇଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ଏହି ଜାତୀୟ ରାଜପଥ ଗୋପାଳପୁର ଠାରୁ ରାୟପୁରକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ଭାରୀ ଯାନବାହାନ ଯାତାୟତ କରୁଅଛି । ହେଲେ ଡ୍ରାଇଭର ମାନଙ୍କ ବେପାରୁଆ ଗାଡି ଚାଳନା ଯୋଗୁଁ ଅନେକ ଧନଜୀବନ ଅକାରଣରେ ଚାଲି ଯାଉଥିବା ବେଳେ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅ ଳବାସୀ ଦାବୀ ଜଣାଇଛନ୍ତି ।